# ଅଧ୍ୟାୟ III

# ବିତ୍ତୀୟ ପ୍ରତିବେଦନ

ଏକ ବିଶ୍ୱସନୀୟ ଆର୍ଥିକ ପ୍ରତିବେଦନ ପ୍ରଣାଳୀ ପାଣ୍ଠିର ବିନିଯୋଗ ଉପରେ ନିୟନ୍ତ୍ରଣ ରଖିବାରେ ସହାୟକ ହୋଇଥିଏ । ଏହି ଅଧ୍ୟାୟରେ ବିଭିନ୍ନ ଆର୍ଥିକ ନିୟମ ପଦ୍ଧତି ଏବଂ ନିର୍ଦ୍ଦେଶନାଗୁଡ଼ିକର ଅନୁପାଳନର ସ୍ଥିତି ଉପରେ ଆଲୋକପାତ କରାଯାଇଛି ।

## 3.1 ବ୍ୟକ୍ତିଗତ ଜମା ଖାତା

### 3.1.1 ବ୍ୟକ୍ତିଗତ ଜମା ଖାତାର ଢାଞ୍ଚା

ବ୍ୟକ୍ତିଗତ ଜମା ଗୁଡ଼ିକୁ ବ୍ୟାଙ୍କ ଖାତା ଆକାରରେ ରାଜକୋଷରେ ରଖା ଯାଇଥାଏ । ସେଗୁଡ଼ିକ ସାଧାରଣତଃ ଦୁଇ ପ୍ରକାରର ଥାଏ ଯଥା–ବ୍ୟକ୍ତିଗତ ଲେଜର ହିସାବ ଖାତା ଅଥବା ବ୍ୟକ୍ତିଗତ ଜମା ଖାତା । ଓଡ଼ିଶା ରାଜକୋଷ ସଂହିତା ଖଣ୍ଡ - I ଅଧିନିୟମ 423 ଅନୁଯାୟୀ ମହାଲେଖାକାରଙ୍କ ବିନା ପରାମର୍ଶରେ ଏକ ବ୍ୟକ୍ତିଗତ ଜମା ଖାତା ଖୋଲା ଯାଇପାରିବ ନାହିଁ ।

ଓଡ଼ିଶା ବଜେଟ୍ ମାନୁଆଲ ଧାରା 141 ଏବଂ ଉପଧାରା (3) ଅନୁଯାୟୀ ତତ୍କାଳ ବ୍ୟବହାର ପାଇଁ ଆବଶ୍ୟକ ନ ଥିଲେ କୋଷାଗାରରୁ ପାଣ୍ଠି ଉଠାଇବା ଉଚିତ୍ ନୁହେଁ । ବଜେଟ ଆବଣ୍ଟନର ସମାପ୍ତିକୁ ଏଡ଼ାଇବା ପାଇଁ କୋଷାଗାରରେ ଥିବା ରାଜସ୍ୱ ହିସାବରୁ ଟଙ୍କା ଉଠାଇ (ଯାହା କି ରାଜ୍ୟ ଶିର୍ଷ ସଂଗଠିତ ପାଣ୍ଠିର ଅଂଶ ବିଶେଷ) ବ୍ୟକ୍ତିଗତ ଜମା ଖାତାରେ ରଖିବା ଅନୁମୋଦିତ ନୁହେଁ ।

31 ମାର୍ଚ୍ଚ 2019 ସୁଦ୍ଧା 831 ଟି ବ୍ୟକ୍ତିଗତ ଜମାଖାତାରେ 17,503.50 କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ି ରହିଥିଲା, ଯାହାର ସବିଶେଷ ବିବରଣୀ ସାରଣୀ 3.1 ରେ ଦର୍ଶାଯାଇଛି । ମୁଖ୍ୟତଃ ଓଡ଼ିଶା ମିନେରାଲ ଏରିଆଜ୍ ଡେଭଲପ୍‌ମେଣ୍ଟ କର୍ପୋରେସନ (ଓଏମ୍‌ବିଏଡିସି) ର ବ୍ୟକ୍ତିଗତ ଜମା ଖାତାରେ ବକେୟା ରାଶି କ୍ଷେତ୍ରରେ 11,568.18 କୋଟିଟଙ୍କା ( 2017-18) ରୁ 14,328.50 କୋଟି ଟଙ୍କା (2018-19) କୁ ବୃଦ୍ଧି (23.86 ପ୍ରତିଶତ) କାରଣରୁ ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷରେ ବକେୟା ରାଶି କ୍ଷେତ୍ରରେ 29.57 ପ୍ରତିଶତ ବୃଦ୍ଧି ଘଟିଥିଲା ।

### *3.1.2 ଓଡ଼ିଶାର ବ୍ୟକ୍ତିଗତ ଜମାଖାତା ହିସାବର ସ୍ଥିତି*

ସାରଣୀ **-3.1:** ବ୍ୟକ୍ତିଗତ ଜମା ଖାତା

(ଟଙ୍କା କୋଟିରେ)

| 01/04/2018 ସୁଦ୍ଧା ପ୍ରାରମ୍ଭିକ ରାଶି | | 2018-19 ରେ ଯୋଗ ହୋଇଥିବା | | ବନ୍ଦ ହୋଇଥିବା ପିଡ଼ି ହିସାବର ଖାତା ସଂଖ୍ୟା | ବନ୍ଦ ହୋଇଥିବା ପିଡ଼ି ହିସାବ ଖାତା ସହିତ ବର୍ଷ ମଧ୍ୟରେ ହୋଇଥିବା ବ୍ୟୟ | 31/ 03/2019 ସୁଦ୍ଧା ବକେୟା ରାଶି | |
|---|---|---|---|---|---|---|---|
| ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ |
| 836 | 13,509.35 | 1 | 8,459.10 | 6 | 4,464.96 | 831 | 17,503.50 |

ଉତ୍ସ : ପ୍ରଧାନ ମହାଲେଖାକାର (ଲେଖା ଓ ହକ୍‌ଦାରୀ) ଓଡ଼ିଶା

ସାରଣୀ **3.1** ଅନୁଯାୟୀ 2018-19 ବର୍ଷରେ ଛଅଟି ଅକାମୀ ବ୍ୟକ୍ତିଗତ ଜମାଖାତାକୁ ବନ୍ଦ କରାଯାଇଥିବା ବେଳେ ଗୋଟିଏ ନୂଆ ବ୍ୟକ୍ତିଗତ ଜମାଖାତା ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ), ଓଡ଼ିଶାଙ୍କ ପୂର୍ବ ଅନୁମୋଦନରେ ଖୋଲା ଯାଇଥିଲା । 8,459.10 କୋଟି ଟଙ୍କା[1] ଏହି ହିସାବ ଖାତାଗୁଡ଼ିକୁ ହସ୍ତାନ୍ତର କରାଯାଇଥିଲା । 2018-19 ବର୍ଷ ଶେଷ ସୁଦ୍ଧା କ୍ରମବର୍ଦ୍ଧନଶୀଳ ଅବଶେଷ ରାଶି କ୍ଷେତ୍ରରେ 3,994.15 କୋଟି ଟଙ୍କା (29.57 ପ୍ରତିଶତ) ନିଟ୍ ବୃଦ୍ଧି ଘଟିଥିଲା, ଯାହାର ବିବରଣୀ ରେଖାଚିତ୍ର 3.1 ରେ ପ୍ରଦତ୍ତ ହେଲା ।

**ରେଖାଚିତ୍ର 3.1: 2014-19 ମଧ୍ୟରେ ବ୍ୟକ୍ତିଗତ ଜମା ଖାତାରେ ଅବଶେଷ**




ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

ଅନ୍ତିମ ଅବଶେଷ ରାଶିର ବିଶ୍ଳେଷଣରୁ ଜଣାଗଲା ଯେ, 31 ମାର୍ଚ୍ଚ 2019 ସୁଦ୍ଧା 17,503.50 କୋଟି ଟଙ୍କା ମଧ୍ୟରୁ 14,328.50 କୋଟି ଟଙ୍କା (81.86 ପ୍ରତିଶତ) ଓଡ଼ିଶା ମିନେରାଲ ବିୟରିଂ ଏରିଆଜ୍ ଡେଭ୍ଲପ୍‌ମେଣ୍ଟ କର୍ପୋରେସନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କର ବ୍ୟକ୍ତିଗତ ଜମାଖାତା ଅନ୍ତର୍ଭୁକ୍ତ । ଅବଶିଷ୍ଟ 3,175 କୋଟି ଟଙ୍କା (17,503.50 କୋଟି ଟଙ୍କା – 14,328.50 କୋଟି ଟଙ୍କା) ନିମ୍ନ କାର୍ଯ୍ୟାଳୟ ଗୁଡ଼ିକ ଦ୍ୱାରା ପରିଚାଳିତ ବ୍ୟକ୍ତିଗତ ଜମାଖାତା ଅନ୍ତର୍ଭୁକ୍ତ ଥିଲା ଯଥା: (i) 115 ଟି ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକର ବ୍ୟକ୍ତିଗତ ଜମାଖାତାରେ 1,081.48 କୋଟି ଟଙ୍କା (ii) 314 ଟି ଗ୍ରାମାଞ୍ଚଳ ସ୍ଥାନୀୟ ସଂସ୍ଥାର ବ୍ୟକ୍ତିଗତ ଜମାଖାତାରେ 675.82 କୋଟି ଟଙ୍କା (iii) 297 ଟି ଶିକ୍ଷା ଅନୁଷ୍ଠାନ ଗୁଡ଼ିକର ବ୍ୟକ୍ତିଗତ ଜମାଖାତାରେ 82.43 କୋଟି ଟଙ୍କା ଏବଂ (iv) 104 ଟି ଅନ୍ୟାନ୍ୟ ଅନୁଷ୍ଠାନ ଗୁଡ଼ିକ ଯଥା: ଡିଷ୍ଟ୍ରିକ୍ଟ ରୁରାଲ ଡେଭଲପ୍‌ମେଣ୍ଟ ଏଜେନ୍ସି, ଇଣ୍ଟିଗ୍ରାଲ୍ ଟ୍ରାଇବାଲ୍ ଡେଭଲପମେଣ୍ଟ ଏଜେନ୍ସି, ମେଡିକାଲ ଏବଂ ଚାରିଟେବୁଲ୍ ଏଜେନ୍ସିଜ୍ ମାନଙ୍କର ବ୍ୟକ୍ତିଗତ ଜମାଖାତା ଗୁଡ଼ିକରେ 1,335.27 କୋଟିଟଙ୍କା ଥିଲା । ବ୍ୟକ୍ତିଗତ ଜମାଖାତାଗୁଡ଼ିକରେ ଖର୍ଚ୍ଚ ନ ହୋଇ ପଡ଼ିରହିଥିବା ଅବଶେଷ ରାଶିଗୁଡ଼ିକୁ ରାଜ୍ୟ ଏକତ୍ରୀକୃତ ନିଧିକୁ ସ୍ଥାନାନ୍ତର ନ କରିବା ସରକାରୀ ଟଙ୍କାର ଅପବ୍ୟବହାର, ଠକେଇ ଏବଂ ଆତ୍ମସାତକୁ ଆମନ୍ତ୍ରଣ କରିଥାଏ । .

[1] ପୂର୍ବରୁ ଥିବା ବ୍ୟକ୍ତିଗତ ହିସାବ ଖାତାରେ 8439.10 କୋଟି ଟଙ୍କା ଏବଂ ନୂତନ ଭାବେ ସୃଷ୍ଟି ହୋଇଥିବା ପିଡି ହିସାବ ଖାତାରେ 20 କୋଟି ଟଙ୍କା

### 3.1.3 ଅକାମୀ / ବନ୍ଦ ପଡ଼ିଥିବା ବ୍ୟକ୍ତି ଗତ ଜମା ଖାତା

ଓଡ଼ିଶା କୋଷାଗାର ସଂହିତା ପ୍ରଥମ ଖଣ୍ଡର ସଂପୂରକ ନିୟମାବଳୀ 423 ଅନୁଯାୟୀ ଯଦି କୌଣସି ବ୍ୟକ୍ତିଗତ ଜମା ଖାତାରେ ଶେଷ ଥର କାରବାର ହେବାର ସଂପୂର୍ଣ୍ଣ ତିନି ବର୍ଷ ପର୍ଯ୍ୟନ୍ତ ଆଉ କୌଣସି କାରବାର ହୋଇ ନଥିବ ତେବେ ଉକ୍ତ ବ୍ୟକ୍ତିଗତ ଜମାଖାତା ସ୍ୱତ ବନ୍ଦ ହୋଇଯାଏ ଏବଂ ଜମା ରହିଥିବା ରାଶି ସ୍ଥିତିଚ୍ୟୁତ ଘଟି ସରକାରଙ୍କ ଖାତାକୁ ଚାଲିଯାଇଥାଏ । ଏଥିପାଇଁ ପ୍ରତିବର୍ଷ 31 ମାର୍ଚ୍ଚ ଶେଷରେ ପ୍ରତି କୋଷାଗାର ଅଧିକାରୀ ମାନେ ଏହିପରି ବ୍ୟକ୍ତିଗତ ଜମାଖାତାର ତାଲିକା ସହ ସ୍ଥିତିଚ୍ୟୁତ ହେଉଥିବା ରାଶିର ପରିମାଣ (ଲାପ୍‌ସ ଆକାଉଣ୍ଟ) ମହାଲେଖାକାରଙ୍କୁ ଜଣାଇବେ ।

2018-19 ବର୍ଷ ମଧ୍ୟରେ ଛଅଟି ବ୍ୟକ୍ତିଗତ ଜମା ଖାତା ଗୁଡ଼ିକୁ ବନ୍ଦ କରି ଦିଆଯାଇଥିଲା । ଏହା ସହ ବ୍ୟକ୍ତିଗତ ଜମା ଖାତାଗୁଡ଼ିକରେ ଶେଷଥର କାରବାର ପରେ ସମ୍ପୂର୍ଣ୍ଣ ତିନି ବର୍ଷ ଧରି ଅଚଳ ହୋଇ ପଡ଼ିଥିବା 15 ଟି ବ୍ୟକ୍ତିଗତ ଜମା ଖାତାକୁ ବନ୍ଦ କରିବାକୁ ଥିଲା । ଏହି 15 ଟି ହିସାବ ଖାତାରେ 5.86 କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ି ରହିଥିଲା ଯାହାର ବିବରଣୀ **ପରିଶିଷ୍ଟ 3.1** ରେ ପ୍ରଦତ୍ତ। ଏହି 15 ଟି ବ୍ୟକ୍ତିଗତ ଜମା ଖାତା ମଧ୍ୟରୁ ଛଅଟିରେ କୌଣସି ରାଶି ଜମା ନ ଥିଲା । ବାକି ନଅଟି ବ୍ୟକ୍ତିଗତ ଜମା ଖାତା ଗୁଡ଼ିକର ଜମା ପରିମାଣ ଏକ ଲକ୍ଷରୁ 288.55 ଲକ୍ଷ ଟଙ୍କା ମଧ୍ୟରେ ଥିଲା ।

### 3.1.4 ବ୍ୟକ୍ତିଗତ ଜମା ଖାତା (ପିଡ଼ି ଆକାଉଣ୍ଟ ଗୁଡ଼ିକର ଅମିଳାମିଶା)

ବ୍ୟକ୍ତିଗତ ଜମାଖାତାର ପରିଚାଳକ ମାନେ ପ୍ରତିବର୍ଷ ଏହି ଆକାଉଣ୍ଟରେ ଥିବା ରାଶି ସହିତ କୋଷାଗାରା (ଟ୍ରେଜେରୀ) ଆକାଉଣ୍ଟର ରାଶି ସହିତ ମେଳ କରାଇବା ଦରକାର । ମାତ୍ର 31 ମାର୍ଚ୍ଚ 2019 ସୁଦ୍ଧା 831 ଟି ବ୍ୟକ୍ତିଗତ ଜମାଖାତା ମଧ୍ୟରୁ 747 ଟି ବ୍ୟକ୍ତିଗତ ଜମା ଖାତାଗୁଡ଼ିକୁ (90 ପ୍ରତିଶତ) ଟ୍ରେଜେରୀ ଆକାଉଣ୍ଟ ସହିତ ମେଳ କରାଯାଇଥିଲା ।

ସରକାର କହିଲେ ଯେ ବ୍ୟକ୍ତିଗତ ଜମାଖାତାର ପରିଚାଳନାରେ ଥିବା ଅବ୍ୟବସ୍ଥା ଦୂର କରିବା ପାଇଁ ସେଗୁଡ଼ିକର ମିଳାମିଶା ନିୟମିତ ଭାବେ କରାଯାଉଛି ଏବଂ ଅକାମୀ ଥିବା 15 ଟି ବ୍ୟକ୍ତିଗତ ଜମାଖାତାର ବିଶ୍ଳେଷଣ ଏକ ନିର୍ଦ୍ଦିଷ୍ଟ ସମୟ ସୀମା କରିବା ପାଇଁ ଆଗକୁ ପଦକ୍ଷେପ ନିଆଯିବ । ଯଦି ସେମାନଙ୍କର ଚାଲୁ ରଖିବାର ଆବଶ୍ୟକତା ନଥିବା ତେବେ ସେଗୁଡ଼ିକ ବନ୍ଦ କରି ଦିଆଯିବ ।

**ସୁପାରିଶ 9 :** ଅର୍ଥ ବିଭାଗ ଏହି ବ୍ୟକ୍ତିଗତ ଜମାଖାତା ଗୁଡ଼ିକରେ ଅନାବଶ୍ୟକ ହୋଇ ପଡ଼ିଥିବା ରାଶିଗୁଡ଼ିକର ସମୀକ୍ଷା କରି ଏଗୁଡ଼ିକୁ ତୁରନ୍ତ ସରକାରଙ୍କର ଏକତ୍ରିକୃତ ପାଣ୍ଠିକୁ ପ୍ରେରଣ କରିବା ଦରକାର ।

### 3.2 ହିସାବ ଖାତାର ଅସ୍ୱଛତା

ଯେତେବେଳେ ଏହି ହିସାବ ଖାତା ପାଇଁ ଉପଯୁକ୍ତ ଲଘୁ ଶିର୍ଷକ ପ୍ରଦାନ କରାଯାଇନଥାଏ ତେବେ ଲଘୁ ଶିର୍ଷକ 800 ସମ୍ବନ୍ଧୀୟ ଅନ୍ୟ ପ୍ରାପ୍ତି ଓ ବ୍ୟୟକୁ ଏଥିଲାଗି ନିୟୋଜିତ କରିବା ଲାଗି ଉଦ୍ଦିଷ୍ଟ ଥାଏ । ହିସାବ ଖାତାକୁ ଅସ୍ୱଛ ନ ହେବାକୁ ଦୃଷ୍ଟିରେ ରଖି ଲଘୁ ଶିର୍ଷକ 800 ର ନିୟମିତ ପରିଚାଳନାକୁ ନିରୁତ୍ସାହିତ କରାଯିବାର ଅଛି ।

ମାତ୍ର 2017-18 ଏବଂ 2018-19 ବର୍ଷରେ ଏହି ଲଘୁ ଶିର୍ଷକରେ ହୋଇଥିବା କାରାବାର ନିମ୍ନୋକ୍ତ ସାରଣୀ 3.2 ରେ ସବିଶେଷ ପ୍ରଦାନ କରାଗଲା ।

ସାରଣୀ **3.2:** ଲଘୁ ଶିର୍ଷକ 800 ଅଧିନରେ ପ୍ରାପ୍ତି ଓ ବ୍ୟୟ

| ବର୍ଷ | ପ୍ରାପ୍ତି[2] (କୋଟି ଟଙ୍କାରେ) | ମୁଖ୍ୟ ଶିର୍ଷକ ଗୁଡ଼ିକର ସଂଖ୍ୟା ଯାହା ଅଧିନରେ 800 – ଲଘୁଶିର୍ଷକ ପରିଚାଳିତ ହୋଇଥିଲା | ଲଘୁ ଶିର୍ଷକ 800 ରେ ପ୍ରାପ୍ତି (କୋଟି ଟଙ୍କାରେ) (ପ୍ରତିଶତ) | ବ୍ୟୟ [3] (କୋଟି ଟଙ୍କାରେ) | ମୁଖ୍ୟ ଶିର୍ଷକ ଗୁଡ଼ିକର ସଂଖ୍ୟା ଯାହା ଅଧିନରେ 800 – ଲଘୁ ଶିର୍ଷକ ପରିଚାଳିତ ହୋଇଥିଲା | ଲଘୁ ଶୀର୍ଷକ 800 ରେ ହୋଇଥିବା ବ୍ୟୟ (କୋଟି ଟଙ୍କାରେ) (ପ୍ରତିଶତ) |
|---|---|---|---|---|---|---|
| **2017-18** | 85,204 | 52 | 1,585 (2) | 92,946 | 56 | 14,006 (15) |
| **2018-19** | 99,546 | 55 | 1,469 (2) | 108,838 | 59 | 14,774(14) |

ଉତ୍ସ : ବିତ୍ତିୟ ହିସାବ

ପୁନଶ୍ଚ ଏହା ଦେଖାଗଲା କି, ଆଠଟି ମୁଖ୍ୟ ଶୀର୍ଷକର 114.57 କୋଟି ଟଙ୍କାର ସମସ୍ତ ପ୍ରାପ୍ତିକୁ ଲଘୁ ଶୀର୍ଷକ ୪00 **(ପରିଶିଷ୍ଟ 3.2)** ରେ ବୁକ୍ କରାଯାଇଥିଲା । ସେହିପରି 15 ଟି ମୁଖ୍ୟ ଶୀର୍ଷକ (**ପରିଶିଷ୍ଟ 3.3**) ଅଧିନରେ ଥିବା ସମୁଦାୟ ବ୍ୟୟ ପ୍ରତ୍ୟେକ 50 ପ୍ରତିଶତରୁ ଅଧିକ ଲଘୁ ଶୀର୍ଷକ ୪00 (ଅନ୍ୟ ବ୍ୟୟ)ରେ ହିସାବ ଖାତା ଅର୍ନ୍ତଭୁକ୍ତ କରାଯାଇଥିଲା। ଲଘୁ ଶୀର୍ଷକ ୪00 - ଅନ୍ୟପ୍ରାପ୍ତି / ବ୍ୟୟ ଅଧିନରେ ପ୍ରାପ୍ତି ଓ ବ୍ୟୟଗୁଡ଼ିକର ଶ୍ରେଣୀଭୁକ୍ତ ଭାରତର ମହାଲେଖା ନିୟନ୍ତ୍ରଣ ଓ ମହା ସମୀକ୍ଷକଙ୍କ ପୂର୍ବ ପ୍ରତିବେଦନଗୁଡ଼ିକରେ ସର୍ବଦା ଦର୍ଶାଯାଉଥିଲେ ମଧ ଏହି କ୍ଷେତ୍ରରେ ଉନ୍ନତି କମ୍ ହେବାର ଦେଖାଯାଇଥିଲା। ଏହାର ସବିଶେଷ ତଥ୍ୟ ହେଉଛି ଯେ, ଉଦ୍ଦିଷ୍ଟ ମୁଖ୍ୟ ଶୀର୍ଷକ ଅଧିନରେ ଥିବା ପ୍ରାପ୍ତି / ବ୍ୟୟର ପ୍ରଚୁର ଭାଗ ଲଘୁ ଶୀର୍ଷକ ୪00 ଅଧିନରେ ହିସାବଭୁକ୍ତ ହେବା ଏକ ଉଦ୍‌ବେଗ ଜନକ ବିଷୟ, କାରଣ ଏହା ସ୍ୱଚ୍ଛତାକୁ ବହୁମାତ୍ରାରେ ପ୍ରଭାବିତ କରିଥାଏ ।

## 3.3 ସ୍ୱାୟତ୍ତ ନିକାୟମାନଙ୍କ ଦ୍ୱାରା ବାର୍ଷିକ ହିସାବର ଅନୁପସ୍ଥାପନ

ଭାରତର ମହାଲେଖାକାର ନିୟନ୍ତ୍ରକ ଓ ମହାସମୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ଏବଂ ସେବ ସର୍ତ୍ତାବଳୀ 1971) ଅଧିନିୟମ ଧାରା 19 କିମ୍ବା 20 ଅଧିନରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାପିତ ସ୍ୱୟତ ନିକାୟ ଗୁଡ଼ିକର ପ୍ରମାଣିକରଣ କରାଯାଇଥାଏ । (ସିଏଜି ଡ଼ିପିସି ଆକ୍ଟ ଧାରା)

ସିଏଜି ଡ଼ିପିସି ଆକ୍ଟ ଧାରା 19 କିମ୍ବା 20 ଅନୁସାରେ ଯେଉଁ ସ୍ୱାୟତ୍ତ ନିକାୟ ଗୁଡିକ ସମୀକ୍ଷା ପରିସରଭୁକ୍ତ ସେମାନେ ପ୍ରତିବର୍ଷ ଜୁନ 30 ପୂର୍ବରୁ ସେମାନଙ୍କର ବାର୍ଷିକ ହିସାବ (ଆନୁଆଲ ଆକାଉଣ୍ଟ)କୁ ସମୀକ୍ଷା ଉଦ୍ଦେଶ୍ୟରେ ଉପଲବ୍ଧ କରାଇବେ। 11 ଟି ସ୍ୱାୟତ୍ତ ନିକାୟ ମାନଙ୍କର ବାର୍ଷିକ ହିସାବ ଖାତା ଏକ ବର୍ଷରୁ ସାତ ବର୍ଷ ବିଳମ୍ବରେ ସିଏଜିକୁ ଉପଲବ୍ଧ କରାଯାଇଥିଲା (ସାରଣୀ 3.3) ।

ସାରଣୀ **3.3:** ବିଳମ୍ବରେ ସମର୍ପିତ ହୋଇଥିବା ସ୍ୱାୟତ ନିକାୟ ଗୁଡ଼ିକର ବାର୍ଷିକ ହିସାବ ଖାତା ବର୍ଷ ଅନୁସାରେ

| କ୍ର.ସଂ | ବର୍ଷ ଭିତ୍ତିକ ବିଳମ୍ବ | ସ୍ୱାୟତ୍ତ ନିକାୟଙ୍କ ସଂଖ୍ୟା / ପ୍ରାଧିକାରୀ |
|---|---|---|
| 1 | 0 | 1 |
| 2 | 1 | 1 |
| 3 | 7 ଏବଂ ଅଧିକ | 9 |
| **ମୋଟ** | | **11** |

ଉତ୍ସ : ବିତ୍ତୀୟ ବିଭାଗ, ଓଡ଼ିଶା ସରକାର

---

2 ରାଜସ୍ୱ ପ୍ରାପ୍ତି

3 ଉଭୟ ରାଜସ୍ୱ ଏବଂ ପୁଞ୍ଜିକୁ ନେଇ

ଏହି 11 ଜଣ ନିକାୟ/ ପ୍ରାଧିକାରୀମାନଙ୍କ ମଧ୍ୟରୁ 2 ଟି ନିକାୟ / ପ୍ରାଧିକାରୀ ଯଥା ଓଡ଼ିଶା ଲିଗାଲ ସର୍ଭିସ ଅଥରିଟି (ଓଏସଏଲଏ) ଏବଂ ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ କଲ୍ୟାଣ ନିଗମ 2017-18 ଓ 2018-19 ପର୍ଯ୍ୟନ୍ତ କ୍ରମାନ୍ୱୟରେ ସେମାନଙ୍କର ବିତ୍ତୀୟ ହିସାବ ସମୀକ୍ଷା ପାଇଁ ଉପଲବ୍ଧି କରାଇଥିଲେ ।

ବାକି 9 ନିକାୟ / କର୍ତ୍ତୃପକ୍ଷଙ୍କ[4] 2018-19 ପର୍ଯ୍ୟନ୍ତ ବକେୟା ବାର୍ଷିକ ହିସାବ ଜାନୁଆରୀ 2020 ସୁଦ୍ଧା ପ୍ରାପ୍ତ ହୋଇନଥିଲା । ଏମାନଙ୍କର ହିସାବ ପିଛିଲା ସାତ ବର୍ଷରୁ ଅଧିକ ହେବ ବକେୟା ପଡ଼ିରହିଛି ।

ଏହି ବାର୍ଷିକ ହିସାବର ଅନୁପସ୍ଥିତିରେ ଏହାର ହିସାବ ନିକାଶ ଏବଂ ଏହି ନିକାୟ/ ପ୍ରାଧିକାରୀ ମାନଙ୍କୁ ଦିଆଯାଇଥିବା ଅନୁଦାନ ଓ ଋଣର ବିନିଯୋଗକୁ ଅଡ଼ିଟ୍ ଦ୍ୱାରା ସମୀକ୍ଷା କରାଯାଇ ପାରିନଥିଲା ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ରାଜ୍ୟ ସରକାର କହିଲେ (ମଇ 2020) ଯେ ଗୃହ ଓ ନଗର ଉନ୍ନୟନ ବିଭାଗ ଓ ଏହା ଅଧିନରେ ଥିବା ଉନ୍ନୟନ କର୍ତ୍ତୃପକ୍ଷ ଗୁଡ଼ିକୁ ସେମାନଙ୍କର ସମସ୍ତ ବକେୟା ବାର୍ଷିକ ହିସାବଗୁଡ଼ିକୁ ସଂପୂର୍ଣ୍ଣ କରିବା ପାଇଁ ଯୋଗାଯୋଗ କରାଯିବ । ସାମ୍ପ୍ରତିକ ବର୍ଷ ଗୁଡ଼ିକର ହିସାବ ଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଯୋଗାଇଦେବାକୁ ସେମାନଙ୍କୁ କୁହାଯିବ । ସଂପୃକ୍ତ ସ୍ୱାୟତ୍ତ ନିକାୟ ଗୁଡ଼ିକ ପିଛିଲା ବାର୍ଷିକ ହିସାବ ଗୁଡ଼ିକୁ ସମାପ୍ତ କରିବା ପାଇଁ ଏକ କାର୍ଯ୍ୟଯୋଜନା ପ୍ରଦାନ କରିବା ଦରକାର ।

**ସୁପାରିଶ:** ଅର୍ଥ ବିଭାଗ ବିତ୍ତୀୟ ହିସାବର ପିଛିଲା ଭାବରେ ଚାଲୁଥିବା ସମସ୍ତ ସ୍ୱାୟତ୍ତ ନିକାୟ ଗୁଡ଼ିକର ସମୀକ୍ଷା କରିବା ଦରକାର ଏବଂ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସେହି ବିତ୍ତୀୟ ହିସାବ ଗୁଡ଼ିକର ସାମ୍ପ୍ରତିକର ସୁନିଶ୍ଚିତ କରିବା ଦରକାର ।

## 3.4 ବିନିଯୋଗ ପ୍ରମାଣ ପତ୍ରର ଉପସ୍ଥାପନା ନ କରିବା

ସରକାର କୌଣସି ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ବିଭିନ୍ନ ନିକାୟ ଗୁଡ଼ିକୁ ଅନୁଦାନ ପ୍ରଦାନ କରିଥାନ୍ତି । ଓଡ଼ିଶା ସାଧାରଣ ବିତ୍ତୀୟ ନିୟମ (ଓଜିଏଫଆର) 173 ଅନୁସାରେ ବିଭାଗୀୟ ଅଧିକାରୀମାନେ ଅନୁଦାନ ଗ୍ରହଣକାରୀଙ୍କ ଠାରୁ ସ୍ୱତନ୍ତ୍ର ଉଦ୍ଦେଶ୍ୟ ଲାଗି ଦିଆଯାଇଥିବା ଅନୁଦାନର ବିନିଯୋଗ ପ୍ରମାଣ ପତ୍ର ଉପଲବଧ କରି ଅନୁଦାନଗୁଡ଼ିକର ଉଦ୍ଦିଷ୍ଟ ଲକ୍ଷ୍ୟରେ ଖର୍ଚ୍ଚ ହୋଇଥିବା ପ୍ରମାଣ ସ୍ୱରୂପ ଏହି ପ୍ରମାଣ ପତ୍ର ପରବର୍ତ୍ତୀ ବର୍ଷ 30 ଜୁନ ସୁଦ୍ଧା ପ୍ରଧାନ ମହାଲେଖାକାର (ଲେଖା ଏବଂ ହକଦାରୀ) ଓଡ଼ିଶାଙ୍କୁ ପ୍ରେରଣ କରିବେ । ବିନିଯୋଗ ପ୍ରମାଣ ପତ୍ର ଉପସ୍ଥାପନ ନ କରି କିମ୍ବା ଏଥିରେ ବିଳମ୍ବ କରିବା ଦ୍ୱାରା ପାଣ୍ଠି ବିନିଯୋଗ ଉପରେ ନିୟନ୍ତ୍ରଣକୁ ଦୁର୍ବଳ କରିଥାଏ ଏବଂ ପାଣ୍ଠିର ବିପଥଗାମୀ, ତୋଷାରପାତ ଏବଂ ଅପବ୍ୟବହାର ହେବାର ସୁଯୋଗ ପ୍ରଦାନ କରିଥାଏ ।

2018-19 ବର୍ଷରେ ସରକାରଙ୍କ ଦ୍ୱାରା ଦିଆଯାଇଥିବା 25,957.25 କୋଟି ଟଙ୍କାର ଅନୁଦାନରୁ (34,317 ଭାଉଚର) 19,371.21 କୋଟି ଟଙ୍କା (74.63 ପ୍ରତିଶତ) (3,078 ଭାଉଚର) ବିନିଯୋଗ ପ୍ରମାଣପତ୍ର ପ୍ରାପ୍ତ ହୋଇନାହିଁ । ଏଣୁକରି ଉକ୍ତ 19,371.21 କୋଟି ଟଙ୍କା ପ୍ରାଧିକୃତ ଉଦ୍ଦେଶ୍ୟରେ ବ୍ୟୟ ହେବାର ମଧ କୌଣସି ପ୍ରତିଶୃତି ନାହିଁ (ମାର୍ଚ୍ଚ 2019 ସୁଦ୍ଧା) । ପ୍ରଧାନ ମହାଲେଖାକାର (ଲେଖା ଏବଂ ହକଦାରୀ) ଓଡ଼ିଶାଙ୍କ ବହିରେ 37 ବିଭାଗ[5] କ୍ଷେତ୍ରରେ 45,340.89 କୋଟି ଟଙ୍କାର ବିନିଯୋଗ ପ୍ରମାଣ ପତ୍ର 2003-04 ଠାରୁ ପାଇବାର ବାକି ଅଛି । 29,138 ଟି ଜିଆଇଏ ଭାଉଚର ଅନୁଦାନର ବାର୍ଷିକ ଭିତିରେ ବିନିଯୋଗ ପ୍ରମାଣ ପତ୍ର ସବିଶେଷ **ସାରଣୀ-3.4** ରେ ଦର୍ଶାଯାଇଛି ।

---

4 ସ୍ୱାସ୍ଥ୍ୟ ଏବଂ ସହର ବିକାଶ ବିଭାଗର (i) ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, (ii) ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ, (iii) କଟକ ଉନ୍ନୟନ ଅଧିକାରୀ, (iv) କଳିଙ୍ଗ ନଗର ଜୟପୁର ଉନ୍ନୟନ କର୍ତ୍ତୃପକ୍ଷ, (v) ପାରାଦ୍ୱୀପ ଉନ୍ନୟନ କର୍ତ୍ତୃପକ୍ଷ, (vi) ପୁରୀ -କୋଣାର୍କ ଉନ୍ନୟନ ଅଧିକାରୀ, (vii) ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, (viii) ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ, (ix) ତାଳଚେର - ଅନୁଗୁଳ – ମେରାମୁଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ

5 ନିମ୍ନ ବିଭାଗ ଗୁଡ଼ିକୁ ଛାଡ଼ି -(I) ଓଡ଼ିଶା ବିଧାନ ସଭା (ii) ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ (iii) ଇସ୍ପାତ ଓ ଖଣିଜ ସମ୍ପଦ (iv) ସୂଚନା ଓ ସାଧାରଣ ସମ୍ପର୍କ ବିଭାଗ (v) ଅବକାରୀ ଓ ସାଧାରଣ ଉଦ୍ୟୋଗ (vi) ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ।

ସାରଣୀ **3.4:** ଅନୁଦାନ ବିଷୟରେ ପ୍ରଦାନ କରା  ଯାଇନଥିବା ବିନିଯୋଗ ପ୍ରମାଣ ପତ୍ରର ବର୍ଷ ଭିତ୍ତିକ ସ୍ଥିତି

**(**କୋଟି ଟଙ୍କାରେ**)**

| ବର୍ଷ | ମାର୍ଚ୍ଚ 2019 ସୁଦ୍ଧା ସହାୟକ ଅନୁଦାନ, ଯାହାର ବିନିଯୋଗ ପ୍ରମାଣ ପତ୍ର ଅପେକ୍ଷିତ | |
|---|---|---|
| | ବିନିଯୋଗ ପ୍ରମାଣ ପତ୍ର ସଂଖ୍ୟା | ପରିମାଣ ରାଶି |
| 2014-15 ପର୍ଯ୍ୟନ୍ତ | 18,705 | 6,111.71 |
| 2015-16 | 2,146 | 3,724.44 |
| 2016-17 | 2,808 | 5,910.65 |
| 2017-18 | 2,401 | 10,222.88 |
| 2018-19 | 3,078 | 19,371.21 |
| ମୋଟ | **29,138** | **45,340.89** |

ଉତ୍ସ : ବିତ୍ତୀୟ ହିସାବ, ଓଡ଼ିଶା ସରକାର

**ପରିଶିଷ୍ଟ 3.4** ରେ 37 ଟି ବିଭାଗର ବକେୟା ବିନିଯୋଗ ପ୍ରମାଣ ପତ୍ରର ସ୍ଥିତି ବିଭାଗ ଅନୁସାରେ ସୂଚିତ କରାଯାଇଅଛି । ମାର୍ଚ୍ଚ 2019 ସୁଦ୍ଧା ଆଠଟି ବିଭାଗର ବକେୟା ବିନିଯୋଗ ପ୍ରମାଣପତ୍ର ରାଶି ସମୁଦାୟ ବକେୟା ବିନିଯୋଗ ପ୍ରମାଣ ପତ୍ର ରାଶିର 92.47  ପ୍ରତିଶତ ଥିଲା (ରେଖାଚିତ୍ର 3.2) । 2017-18 ବର୍ଷ ତୁଳନାରେ ବକେୟା ବିନିଯୋଗ ପତ୍ର ରାଶି 2018-19 ବର୍ଷରେ 6,913 କୋଟି ଟଙ୍କା ବୃଦ୍ଧି ହୋଇଥିଲା (17.99 ପ୍ରତିଶତ)।

ରେଖାଚିତ୍ର **3.2:** 31 ମାର୍ଚ୍ଚ 2019 ସୁଦ୍ଧା ବିଭାଗ କ୍ରମରେ ବକେୟା ବିନିଯୋଗ ପ୍ରମାଣ ପତ୍ର

**(**ଟଙ୍କା କୋଟିରେ**)**




**ପିଆର୍ ଆଣ୍ଡ ଡିଡବ୍ଲୁ:** ପଞ୍ଚାୟତି ରାଜ ଓ ପାନୀୟ ଜଳ, **ଏଚ୍ଆଣ୍ଡୟୁଡି:** ଗୃହ ଓ ନଗର ଉନ୍ନୟନ

**ଏସ୍ଆଣ୍ଡଏମ୍ଇ:** ବିଦ୍ୟାଳୟ ଓ ଗଣ ଶିକ୍ଷା,   **ପିଆଣ୍ଡସି:** ଯୋଜନା ଓ ସମନ୍ୱୟ

**ଏଚ୍ଆଣ୍ଡଏଫ୍ଡବ୍ଲୁ:** ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ,  **ଏଚଇ:** ଉଚ୍ଚ ଶିକ୍ଷା

**ଏସ୍ଟିଆଣ୍ଡଏସ୍ସି:** ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ବିକାଶ ଓ ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ

**ଡବ୍ଲୁଆଣ୍ଡସିଡି:** ମହିଳା ଓ ଶିଶୁ ବିକାଶ

*ଉତ୍ସ : ପ୍ରଧାନ ମହାଲେଖାକାର (ଲେଖା ଏବଂ ହକଦାରୀ) ଓଡ଼ିଶାଙ୍କ କାର୍ଯ୍ୟାଳୟ*

### *3.4.1 10 ବର୍ଷ ଠାରୁ ଅଧିକ କାଳ ବକେୟା ରହିଥିବା ବିନିଯୋଗ ପ୍ରମାଣ ପତ୍ର*

1,234.46 କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର (7,021 ଭାଉଚର) 19 ଟି ବିଭାଗରେ 10 ବର୍ଷ ଠାରୁ ଅଧିକ କାଳ ବକେୟା ପଡ଼ି ରହିଥିଲା । ମାର୍ଚ୍ଚ 2019 ସୁଦ୍ଧା ତାହା **ପରିଶିଷ୍ଟ 3.5** ରେ ଦର୍ଶାଗଲା। ପଂଚାୟତି ରାଜ (428.85 କୋଟି ଟଙ୍କା) ଓ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା (219.23 କୋଟି ଟଙ୍କା) ନଗର ଉନ୍ନୟନ ବିଭାଗ (246.44 କୋଟି ଟଙ୍କା) ଏବଂ ଯୋଜନା ଏବଂ ସମନ୍ୱୟ ବିଭାଗ (170.41 କୋଟି ଟଙ୍କା) ବିନିଯୋଗ ପ୍ରମାଣ ପତ୍ର 86.27 ପ୍ରତିଶତ ଅଙ୍କ ବକେୟା ରହିଛି । ବିନିଯୋଗ ପ୍ରମାଣ ପତ୍ର ଦାଖଲର ସ୍ଥିତିରେ ଆଜି ପର୍ଯ୍ୟନ୍ତ ସେପରି କୌଣସି ଉନ୍ନତି ପରିଲକ୍ଷିତ ହୋଇନାହିଁ । ଅତ୍ୟଧିକ ବକେୟା ପ୍ରମାଣ ପତ୍ର ଯୋଗୁଁ ଅର୍ଥର ଅପବ୍ୟବହାର ଏବଂ ଆତ୍ମସାତର ପୂର୍ଣ୍ଣ ଭୟ ରହିଛି ।

ସରକାର ତାଙ୍କ ଉତ୍ତରରେ କହିଲେ (ମଇ 2020) ଯେ, ବିନିଯୋଗ ପ୍ରମାଣ ପତ୍ର ବକେୟାର ଉନ୍ନତି ପାଇଁ ବିଭାଗଓ୍ୱାରୀ ବକେୟା ରହିଥିବା ବିନିଯୋଗ ପ୍ରମାଣ ପତ୍ରର ସମୀକ୍ଷା କେନ୍ଦ୍ରୀୟ ସ୍ତରରେ ଅର୍ଥ ବିଭାଗ ଦ୍ୱାରା କରାଯିବ । ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବିଭାଗ ମୁଖ୍ୟଙ୍କ ସହିତ ବିନିଯୋଗ ପ୍ରମାଣ ପତ୍ର ଉପରେ ସମୀକ୍ଷା ବୈଠକ କରିବା ପାଇଁ ସରକାର ସମ୍ମତି ଦେଲେ ।

**ସୁପାରିଶ *11*:** ଅର୍ଥ ବିଭାଗ ଠିକ୍ ସମୟରେ ଅନୁଦାନ ପ୍ରମାଣ ପତ୍ର ଦାଖଲ ସୁନିଶ୍ଚିତ କରିବାର ଏକ କୌଶଳ ପ୍ରସ୍ତୁତ କରନ୍ତୁ ଏବଂ ନୂତନ ଅନୁଦାନ ପ୍ରଦାନ କରିବା ପୂର୍ବରୁ ସମସ୍ତ ବକେୟା ଅନୁଦାନ ପ୍ରମାଣ ପତ୍ରର ସମୀକ୍ଷା କରନ୍ତୁ । .

## 3.5 ଦାଖଲ ହୋଇ ନଥିବା ବିଷଦ ଆକସ୍ମିକ ବିଲ

ଓଡ଼ିଶା କୋଷାଗାରା ସଂହିତା (ନିୟମ 261) ଅନୁଯାୟୀ ସଂକ୍ଷିପ୍ତ ଆକସ୍ମିକ (ଏସି) ବିଲ ମାଧ୍ୟମରେ ନିଆଯାଉଥିବା ଅଗ୍ରୀମ ନିୟମିତତା ପାଇଁ ବିଷଦ ଆକସ୍ମିକତା (ଡିସି) ବିଲ୍‌ର ତୁରନ୍ତ ବ୍ୟବସ୍ଥିତ କରିବା ଉଚିତ୍ ।

2018-19 ଆର୍ଥିକ ବର୍ଷରେ 15 ଟି ବିଭାଗ 939 ସଂକ୍ଷିପ୍ତ ଆକସ୍ମିକ ବିଲ ମାଧ୍ୟମରେ ସରକାରଙ୍କ ଠାରୁ ସମୁଦାୟ 210.19 କୋଟି ଟଙ୍କା ଗ୍ରହଣ କରିଥିବା ବେଳେ ମାତ୍ର 214 ଟି ବିସ୍ତୃତ ଆକସ୍ମିକ ବିଲ ଦାଖଲ କରିଥିଲେ, ଯେଉଁଥିରେ ମାତ୍ର 11.46 କୋଟି ଟଙ୍କାର ହିସାବ ଥିଲା । ଅର୍ଥାତ 12 ଟି ବିଭାଗ ଦ୍ୱାରା ବଳକା 198.73 କୋଟି ଟଙ୍କାର ହିସାବ ସମ୍ବଳିତ 725 ଟି ବିଷଦ ଆକସ୍ମିକ ବିଲ୍ ବର୍ଷ ଶେଷ ସୁଦ୍ଧା ଦାଖଲ କରାଯାଇ ନଥିଲା । ତେଣୁ ସରକାରଙ୍କ ଦ୍ୱାରା ଅନୁମୋଦିତ ଏହି 198.73 କୋଟି ଟଙ୍କାର ସୁବିନିଯୋଗ ହୋଇଥିବାର କୌଣସି ପ୍ରମାଣ ନଥିଲା । ଏହା 2018-19 ବର୍ଷରେ ସମ୍ଭାବ୍ୟ ଅଧିକ ଖର୍ଚ୍ଚ ଥିଲା । ପୁନଶ୍ଚ, 2016-17 ରେ 11.70 କୋଟି ଟଙ୍କାର 446 ଟି ବିଷଦ ଆକସ୍ମିକ ବିଲ ଏବଂ 2018-19 ରେ 2.98 କୋଟି ଟଙ୍କାର 100 ଟି ଡ଼ିସି ବିଲ ବିଭାଗ ଦ୍ୱାରା ଦାଖଲ କରାଯାଇ ନାହିଁ । ଅଗ୍ରୀମ ଉଠାଣ ଏବଂ ଏହାର ହିସାବ ନ ହେବା ଯୋଗୁ ଅର୍ଥର କ୍ଷତି, ତୋଷରପାତ ଏବଂ ଅପବ୍ୟବହାରର ସମ୍ଭାବନାକୁ ବଢ଼ାଇ ଥାଏ । ବକେୟା ବିଶଦ ଆକସ୍ମିକ ବିଲର ବିବରଣୀ ସାରଣୀ 3.5 ରେ ଦର୍ଶାଯାଇଛି ।

ସାରଣୀ **-3.5:** ବକେୟା ଆକସ୍ମିକ ବିଲର ବିଷଦ ବିବରଣୀ

| ବର୍ଷ | ବକେୟ ଥିବା ବିଷଦ ଆକସ୍ମିକ ବିଲର ସଂଖ୍ୟା | ସଂଖ୍ୟା (କୋଟି ଟଙ୍କାରେ) |
|---|---|---|
| 2003-04 ରୁ 2016-17 | 446 | 11.70 |
| 2017-18 | 100 | 2.98 |
| 2018-19 | 725 | 198.73 |
| ମୋଟ | **1,271** | **213.41** |

ଉତ୍ସ : ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ) ଓଡ଼ିଶାଙ୍କ ଦ୍ୱାରା ପରିଚାଳିତ ଭିଏଲସି ତଥ୍ୟାବଳୀରୁ ସଂକଳିତ

ପୁନଶ୍ଚ, ନିରୀକ୍ଷଣ କରାଗଲା ଯେ ତିନୋଟି[6] ବିଭାଗ ସମୁଦାୟ ବକେୟା ଡିସି ବିଲର 99.67 ପ୍ରତିଶତ ହିସାବକୁ ନେଇଥିଲେ ।

### *3.5.1 ସଂକ୍ଷିପ୍ତ ଆକସ୍ମିକ ବିଲ ମାଧ୍ୟମରେ ମାର୍ଚ୍ଚ ମାସରେ ଟଙ୍କା ଉଠାଣ*

ଭିଏଲସି ତଥ୍ୟାବଳୀର ବିଶ୍ଳେଷଣରୁ ଜଣାଗଲା ଯେ, 2014-15 ଏବଂ 2018-19 ମଧ୍ୟରେ ସଂକ୍ଷିପ୍ତ ଆକସ୍ମିକ ବିଲ ମାଧ୍ୟମରେ 435.59 କୋଟି ଟଙ୍କା ମଧ୍ୟରୁ 210.29 କୋଟି ଟଙ୍କା (48.27 ପ୍ରତିଶତ) ବର୍ଷର ଶେଷ ମାସରେ ଉଠାଯାଇଥିଲା । ମାର୍ଚ୍ଚ ମାସରେ ଏସି ବିଲର ଉଠାଣ ପ୍ରତିଶତ 2014-15 ରୁ 2018-19 ବର୍ଷ ମଧ୍ୟରେ ମୋଟ ଏସି ବିଲ ରାଶିର 12.15 ରୁ 75.33 ପ୍ରତିଶତ ମଧ୍ୟରେ ଥିଲା ଯାହାର ସବିଶେଷ ବିବରଣୀ ସାରଣୀ 3.6 ରେ ପ୍ରଦାନ କରାଗଲା ।

ସାରଣୀ-**3.6:** ବର୍ଷ ଅନୁଯାୟୀ ମାର୍ଚ୍ଚ ମାସରେ ଏସି ବିଲ ମାଧ୍ୟମରେ ଟଙ୍କା ଉଠାଣ

**(କୋଟି ଟଙ୍କାରେ)**

| ଆର୍ଥିକ ବର୍ଷ | ଏସି ବିଲ ଦ୍ୱାରା ମୋଟ ରାଶିର ଉଠାଣ | ମାର୍ଚ୍ଚ ମାସରେ ଉଠାଇଥିବା ମୋଟ ଏସି ବିଲର ପରିମାଣ | ମାର୍ଚ୍ଚ ମାସରେ ଉଠାଣ ପ୍ରତିଶତ |
|---|---|---|---|
| 2014-15 | 72.23 | 17.38 | 24.06 |
| 2015-16 | 62.39 | 7.58 | 12.15 |
| 2016-17 | 73.15 | 15.03 | 20.54 |
| 2017-18 | 17.63 | 11.97 | 67.89 |
| 2018-19 | 210.19 | 158.33 | 75.33 |
| ମୋଟ | **435.59** | **210.29** | **48.27** |

ଉତ୍ସ : ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ) ଓଡ଼ିଶା ଦ୍ୱାରା ପରିଚାଳିତ ଭିଏଲସି ତଥ୍ୟକଳାରୁ ସଂକଳିତ

ଭିଏଲସି ତଥ୍ୟାବଳୀର ପୁର୍ନବିଶ୍ଳେଷଣରୁ ଦେଖାଗଲା ଯେ, ସଂକ୍ଷିପ୍ତ ଆକସ୍ମିକ ବିଲର ସର୍ବମୋଟ 3.11 କୋଟି ଟଙ୍କା (1.48 ପ୍ରତିଶତ) ଆର୍ଥିକ ବର୍ଷର ଶେଷ ଦିନରେ ଉଠାଯାଇଥିଲା । ଏଣୁ ଏହା ସୁସ୍ପଷ୍ଟ ଯେ ମାର୍ଚ୍ଚ ମାସରେ ଏବଂ ଆର୍ଥିକ ବର୍ଷର ଶେଷ କାର୍ଯ୍ୟ ଦିବସରେ ବିନିଯୋଗର ସମାପ୍ତିକୁ ପରିହାର କରିବା ପାଇଁ ଯଥେଷ୍ଟ ଉଠାଣ ହୋଇଥିଲା ।

ପ୍ରସ୍ତାବିତ ସମୟ ମଧ୍ୟରେ ଡିସି ବିଲର ଦାଖଲ ନହେବା ଆର୍ଥିକ ଶୃଙ୍ଖଳା ନିୟମର ଉଲ୍ଲଙ୍ଘନ ଅଟେ ଏବଂ ଏହା ସରକାରୀ ଅର୍ଥର ତୋଷରପାତ ସମ୍ଭାବନାକୁ ବୃଦ୍ଧି କରେ ଏବଂ ଏହା ଅସୁସ୍ଥ ପରମ୍ପରା ଅଟେ ।

ସରକାର ଜଣାଇଲେ (ମଇ 2020) ଯେ ଅର୍ଥ ବିଭାଗ ଏହି ଘଟଣାର ନିୟମିତ ତର୍ଜମା କରୁଛି ଏବଂ ଅର୍ଥନୈତିକ ଉପଦେଷ୍ଟା ଓ ନିୟନ୍ତ୍ରଣ ଅଧିକାରୀମାନଙ୍କୁ ଯଥା ସମୟରେ ଡ଼ିସି ବିଲ ଦାଖଲର ଗୁରୁତ୍ୱ ସମ୍ବନ୍ଧରେ ଅବଗତ କରାଯାଉଛି । ପ୍ରଥମ ଏସି ବିଲର ଦାଖଲ ବକେୟା ଥିବା ସ୍ଥଳେ ଦ୍ୱିତୀୟ ଏସି ବିଲକୁ ବିଚାର ନକରିବା ଅଡିଟ୍ ପ୍ରସ୍ତାବକୁ ସରକାର ଗ୍ରହଣ କଲେ ।

**ସୁପାରିଶ** 12: ଅର୍ଥ ବିଭାଗ ସୁନିଶ୍ଚିତ କରନ୍ତୁ ଯେ ସମସ୍ତ ନିୟନ୍ତ୍ରଣ ଅଧିକାରୀମାନେ ବକେୟା ଥିବା ସମସ୍ତ ଏସି ବିଲ ସପକ୍ଷରେ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଡିସି ବିଲଗୁଡ଼ିକୁ ଦାଖଲ କରିବେ ।

[6] ଗୃହ (189.44 କୋଟି ଟଙ୍କା), ସାଧାରଣ ପ୍ରଶାସନ ( 7.49 କୋଟି ଟଙ୍କା) ଏବଂ ଉଚ୍ଚ ଶିକ୍ଷା( 1.14 କୋଟି ଟଙ୍କା).

## 3.6 ଅନ୍ୟାନ୍ୟ ଆର୍ଥିକ ବିଷୟ

### *3.6.1 ପ୍ରଦତ୍ତ ଅନୁଦାନ / ଋଣର ବିଷଦ ବିବରଣୀ ପ୍ରଦାନ ନ କରିବା*

ଲେଖା ପରୀକ୍ଷା ଏବଂ ଲେଖା ନିୟମ 2007 ବ୍ୟବସ୍ଥା ଅନୁସାରେ ସରକାର ଏବଂ ବିଭାଗୀୟ ମୁଖ୍ୟମାନେ ପ୍ରତି ବର୍ଷ ଜୁଲାଇ ମାସ ଶେଷ ସୁଦ୍ଧା ପୂର୍ବ ବର୍ଷରେ 10 ଲକ୍ଷ ଟଙ୍କା କିମ୍ବା ତଦୁର୍ଦ୍ଧ୍ୱ ସହାୟତା ବା ଋଣ ଦିଆଯାଇଥିବା ଅନୁଷ୍ଠାନମାନଙ୍କର ତାଲିକା ଲେଖା ପରୀକ୍ଷା କାର୍ଯ୍ୟାଳୟକୁ ପ୍ରଦାନ କରିବା କଥା ।

ମାର୍ଚ୍ଚ 2020 ସୁଦ୍ଧା ସମୁଦାୟ 43 ଟି ବିଭାଗରୁ 22 ଟି ବିଭାଗ 2018-19 ରେ ମଂଜୁରୀ କରାଯାଇଥିବା ଅନୁଦାନର ବିସ୍ତୃତ ଅନୁଦାନ ଦେଇଥିଲେ । ବଳକା 21 ଟି ବିଭାଗ[7] ର ଅନୁଦାନର କୌଣସି ବିବରଣୀ ନ ଥିବାରୁ ସେହି ଅର୍ଥ ରାଶିର ଆବଶ୍ୟକୀୟ ବିନିଯୋଗର କୌଣସି ପ୍ରମାଣ ସରକାରଙ୍କର ଠାରେ ନାହିଁ । ଏହା ସରକାରୀ ଖର୍ଚ୍ଚ ଉପରେ ଥିବା ବିଧାନ ସଭାର କ୍ଷମତାକୁ ଦୁର୍ବଳ କରିଦେଉଛି ।

### *3.6.2 ସରକାରୀ ବିଭାଗ ଦ୍ୱାରା ପରିଚାଳିତ ବାଣିଜ୍ୟକ କ୍ରିୟାକଳାପ*

ଆଂଶିକ ବ୍ୟବସାୟିକ କାର୍ଯ୍ୟ ସଂପାଦନ କରୁଥିବା ସରକାରୀ ବିଭାଗ ଓ ଅନୁଷ୍ଠାନଗୁଡ଼ିକ ସରକାରଙ୍କ ଅବଗତି ନିମନ୍ତେ ଏକ ନିର୍ଦ୍ଦିଷ୍ଟ ପ୍ରକାରର ଖର୍ଚ୍ଚ ଖସଡ଼ା ପ୍ରସ୍ତୁତ କରିବା ଅନିବାର୍ଯ୍ୟ ଅଟେ । ମାର୍ଚ୍ଚ 2019 ସୁଦ୍ଧା 16 ଟି ବିଭାଗୀୟ ଉଦ୍ୟୋଗ ମଧ୍ୟରୁ କୌଣସିଟି ବିଭାଗ ଖର୍ଚ୍ଚ ଖସଡ଼ା ପ୍ରସ୍ତୁତ କରିନଥିଲେ ।

### *3.6.3 କୋଠା ବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠିର ସ୍ୱଳ୍ପ ବିନିଯୋଗ*

କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ଉପକାର ନିୟମ 1996 ଏବଂ ଏହା ଅଧିନରେ ଥିବା ନିଯୁକ୍ତି ତଥା ସେବା ସର୍ତ୍ତ ଅଧିନିୟମ 1996 ଅନୁଯାୟୀ ଏକ କଲ୍ୟାଣ ସଂଘର ଗଠନ ହେବା ଦରକାର ଯାହାର ଲକ୍ଷ୍ୟ ଶ୍ରମିକ ମାନଙ୍କର କାର୍ଯ୍ୟାବସ୍ଥାରେ ଉନ୍ନତି ଆଣିବା ଓ ଶ୍ରମିକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା । ଏହାଛଡ଼ା ନିର୍ମାଣ କାର୍ଯ୍ୟ ଉପରେ କର ବସାଇ ବୋର୍ଡର ସମ୍ବଳକୁ ସୁଦୃଢ଼ କରିବା ମଧ ବୋର୍ଡର ଅନ୍ୟତମ ଲକ୍ଷ୍ୟ ଅଟେ । ସମସ୍ତ ନିର୍ମାଣ କାର୍ଯ୍ୟରୁ ସଂଗୃହିତ ହେଉଥିବା ଶ୍ରମ ଉପକରକୁ ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠିରେ ଜମା କରିବା ଦରକାର । କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟରେ ଲିପ୍ତ ଥିବା ପଞ୍ଜୀକୃତ ହାତାଧିକାରୀମାନଙ୍କର ବିଭିନ୍ନ କଲ୍ୟାଣମୂଳକ କାମ ପାଇଁ ଏହି ନିଧିର ବିନିଯୋଗ ହେବା ଦରକାର ।

---

7 ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ପଂଚାୟତି ରାଜ ଓ ପାନୀୟ ଜଳ, ପୂର୍ତ୍ତ, ଅନୁସୂଚିତ ଜନ ଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା, ଗୃହ ନିର୍ମାଣ ଓ ପୌର ଉନ୍ନୟନ, ଉଚ୍ଚ ଶିକ୍ଷା, ଇଲୋକ୍ଟ୍ରନିସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ, କ୍ରୀଡ଼ା ଓ ଯୁବ ସେବା, ସାଧାରଣ ପ୍ରଶାସନ, ଓଡ଼ିଶା ବିଧାନ ସଭା, ପରିବହନ, ସାଧାରଣ ଅଭିଯୋଗ ଓ ପେନସନ ପ୍ରଶାସନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ , ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା, ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ଓ ସମବାୟ ବିଭାଗ ।

2014-15 ରେ ଆଦାୟ ହୋଇଥିବା 211.13 କୋଟି ଟଙ୍କାର ଶ୍ରମିକ କର 2018-19 ରେ 1,087.61 କୋଟି ଟଙ୍କାକୁ ବୃଦ୍ଧି ପାଇ 876.45 କୋଟି ଟଙ୍କାରେ ପହଞ୍ଚିଥିଲା । ଏହି ସମୟସୀମା ମଧ୍ୟରେ ଏହି ଉପକରରେ ବିନିଯୋଗର ଯାହାକି 2014-15 ରେ 4.78 ପ୍ରତିଶତ ରୁ 2018-19 ରେ 54.88 ପ୍ରତିଶତର ପାଣ୍ଠିର ବିନିଯୋଗ ହୋଇଥିଲା । ପାଣ୍ଠିର କମ୍ ବିନିଯୋଗର ଯୋଗୁଁ ଶ୍ରମ ଉପକରର ଆଦାୟର ଲକ୍ଷ୍ୟ ପୂର୍ଣ୍ଣ ହୋଇନଥିଲା ।

ଓଡ଼ିଶା ସରକାରଙ୍କ ଶ୍ରମ ଏବଂ ନିଯୁକ୍ତି ବିଭାଗ ଦ୍ୱାରା 15 ଡ଼ିସେମ୍ବର 2008 ରେ ନିଆଯାଇଥିବା ରିଜୋଲୁସନ ଅନୁସାରେ ଆଦାୟ ହେଉଥିବା ଏହି କର ସରକାରୀ କୋଷାଗାରର (ରାଜ୍ୟର ଏକତ୍ରିକୃତ ପାଣ୍ଠି) ମୁଖ୍ୟ ଶିର୍ଷ – 0230 ରେ ଜମା ହେବା ଜରୁରୀ ଥିଲା ।

ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡଙ୍କ ନଥିପତ୍ର ଯାଞ୍ଚରୁ ଜଣାଗଲା ଯେ ବିଭିନ୍ନ ସଂସ୍ଥାମାନଙ୍କ ଦ୍ୱାରା ଆଦାୟ କରାଯାଉଥିବା କରକୁ ବୋର୍ଡ଼ରେ ଏହି ଉଦ୍ଦେଶ୍ୟରେ ଖୋଲାଯାଇଥିବା ସଂଚୟ ବ୍ୟାଙ୍କ ଖାତାରେ ଚେକ୍ / ଡ୍ରାଫ୍ଟ ମାଧ୍ୟମରେ ଜମା କରାଯାଉଥିଲା । ଯାହା କି କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ କର ନିୟମ ଏବଂ ସମ୍ବିଧାନର ଧାରା 266 (1) କୁ ଉଲ୍ଲଘଂନ କରି ରାଜ୍ୟର ଏକତ୍ରିକୃତ ପାଣ୍ଠିକୁ ସିଧାସଳଖ ଯାଉନଥିଲା ।

ପୁନଶ୍ଚ ବିତ୍ତୀୟ ହିସାବ 2018-19 ଅନୁଯାୟୀ ରାଜ୍ୟ କୋଷାଗାର ମାଧ୍ୟମରେ ରାଜ୍ୟ କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଉପକର ବାବଦକୁ 2.38 କୋଟି ଟଙ୍କା ଆଦାୟ ହୋଇଥିଲା । ସେହିସବୁରାଶି ବୋର୍ଡର ହିସାବ ଖାତାକୁ ସ୍ଥାନାନ୍ତରିତ ହୋଇନଥିଲା । ଫଳରେ ଏହା ରାଜସ୍ୱ ବଳକାରେ 2.38 କୋଟି ଟଙ୍କା ଅଧିକ ଦେଉଥିବା ବେଳେ ସମ ପରିମାଣ ଫିସକାଲ ଡେଫିସିଟ୍‌ରେ କମ୍ ଦେଖାଉଥିଲା ।

### *3.6.4 ବ୍ୟାଙ୍କ ଅବଶେଷ ଏବଂ ରୋକଡ଼ ଖାତାର ସମୀକରଣ ହୋଇ ନ ଥିବାରୁ 57.32 କୋଟି ଟଙ୍କାର ଅସାମଞ୍ଜସ୍ୟତା*

ହିସାବ ଖାତାରେ ଦେଣନେଣର ସଠିକତା ନିଶ୍ଚିତ କରିବା ପାଇଁ ବ୍ୟାଙ୍କର ହିସାବ ଏବଂ ରୋକଡ଼ ଖାତାର ହିସାବର ସାମଞ୍ଜସ୍ୟକରଣ ନିୟମିତ ଭାବେ ପ୍ରତିମାସର ଶେଷରେ କରିବା ଦରକାର । କୌଣସି ଅସାମଞ୍ଜସ୍ୟ/ ଭିନ୍ନତା ଠିକ କରିବା ପାଇଁ ଡିଡିଓମାନେ ପ୍ରତ୍ୟେକ ମାସ ଶେଷରେ ସାମଞ୍ଜସ୍ୟକରଣ କରିବା ଉଚିତ୍ । ମାର୍ଚ୍ଚ 2019 ସୁଦ୍ଧା 17 ଟି ନମୁନା ଡିଡିଓଙ୍କ ନଥିପତ୍ରରୁ ଅବଲୋକନ କରାଗଲା ଯେ ରୋକଡ଼ ବହି ଓ ବ୍ୟାଙ୍କ୍ ସଂଚୟ ବହିରେ 57.32 କୋଟି ଟଙ୍କାର ପ୍ରଭେଦ ଥିଲା **(ପରିଶିଷ୍ଟ 3.6)** । ଅବଶେଷ ଟଙ୍କାର ସାମଞ୍ଜସ୍ୟକରଣ ଅଭାବରୁ ଡିଡିଓମାନଙ୍କ ଦ୍ୱାରା ପରିଚାଳିତ ହିସାବର ପ୍ରାମାଣିକତା ଅଡିଟରେ ପ୍ରମାଣିତ କରାଯାଇ ପାରିନଥିଲା ।

ଅଡିଟର ଅବଲୋକନକୁ ଗ୍ରହଣ କରି ରାଜ୍ୟ ସରକାର କହିଲେ (ମଇ 2020) ଯେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଧନ ରାଶିର ଉଠାଣ ଓ ଓଡ଼ିଶା ପାଇଁ ବ୍ୟାଙ୍କରେ ବହି ଖୋଲିବାର ଅନୁମତି ଦିଆଯାଇ ନାହିଁ । ଦୃଢ଼ ଆଇଟି ଭିତ୍ତିଭୂମି ଓ ଆଇଏଫ୍‌ଏମ୍‌ଏସ୍‌ରେ ଡିବିଟି ସୁଯୋଗର କାର୍ଯ୍ୟକାରିତା ଯୋଗୁଁ ଉପରୋକ୍ତ ଅଭ୍ୟାସକୁ ନିରୁତ୍ସାହିତ କରାଯାଇଛି । ସମସ୍ତ ଘଟଣାଗୁଡ଼ିକୁ ପୁର୍ନବିଲୋକନ କରାଯିବ ଏବଂ କୌଣସି ଦେଣନେଣ ହେଉନଥିବା ବ୍ୟାଙ୍କ ଖାତାକୁ ବନ୍ଦ କରିବା ପାଇଁ ପଦକ୍ଷେପ ନିଆଯିବ ।

**ଭୁବନେଶ୍ୱର** **(ବିଭୁଦତ୍ତ ବସନ୍ତିଆ)**

**ତାରିଖ** **ମହାଲେଖାକାର (ଲେଖା ପରୀକ୍ଷା-1), ଓଡ଼ିଶା**

**ପ୍ରତିସ୍ୱାକ୍ଷରିତ**

**ନୂଆଦିଲ୍ଲୀ** **(ରାଜିବ ମେହେର୍ଷି)**

**ତାରିଖ** **ଭାରତର ମହାଲେଖା ନିୟନ୍ତ୍ରକ ଓ ମହା ସମୀକ୍ଷକ**